ସମ୍ବାଦ

# ୟୁସିପି ଯାନ୍ତ୍ରିକ ବିଦ୍ୟାଳୟ, ଏନ୍‌ସିସି ୟୁନିଟ୍ ଓ 'ସମ୍ବାଦ'- ଆମ ଓଡ଼ିଶାର ମିଳିତ ରକ୍ତଦାନ ଶିବିର







ବ୍ରହ୍ମପୁର, ୨୫/୩(ଇମିସ): ସ୍ଥାନୀୟ ଉମାଚରଣ ପଟ୍ଟନାୟକ ଯାନ୍ତ୍ରିକ ବିଦ୍ୟାଳୟ, ଏନ୍‌ସିସି ୟୁନିଟ୍ ଓ 'ସମ୍ବାଦ'- ଆମ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯାନ୍ତ୍ରିକ ବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ କୁମାର ପାତ୍ର, ଏନ୍‌ସିସି ଅଫିସର ଲେଫ୍ଟେନାଣ୍ଟ ଯଯାତି କିଶୋର ମହାନ୍ତ, ବରିଷ୍ଠ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ସେଠୀ, ପ୍ରମୋଦ କୁମାର ପାତ୍ର, ଏନ୍‌ସିସି କମାଣ୍ଡିଙ୍ଗ୍ ଅଫିସର୍ କର୍ଣ୍ଣେଲ ଏ.ଏସ୍ ପେନ୍ଧାରକର, ସୁବେଦାର ସତୀଶ ସିନ୍ଧେ, ଗାନ୍ଧୀ ସ୍କୁଲ୍ ଅଫ୍ ଇଞ୍ଜିନିୟରିଂର ଅଧ୍ୟକ୍ଷ ସମରେନ୍ଦ୍ର ଚୌଧୁରୀ, କ୍ୟାପଟେନ୍ ପି. ପଣ୍ଡା, ବିଷ୍ଣୁପ୍ରସାଦ ପଣ୍ଡା, ସନ୍ତୋଷ ବିଶୋଇ ଓ ସୁମନ୍ତ ପାଢ଼ୀ ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ମୋଟ ୬୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କ୍ୟାଡେଟ୍ ଆଲୋକ ପ୍ରଧାନ, ସଂଗ୍ରାମ ନାୟକ, ରୁଚିତା ସାହୁ, ରଚନା ପାତ୍ର, ଶୁଭଶ୍ରୀ ସାହୁ ଓ ତେଜସ୍ୱିନି ନାୟକ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

**୬୧ ୟୁନିଟ୍ ସଂଗୃହୀତ**